# ଅପହଞ୍ଚ ଗ୍ରାମରେ କ୍ୟାମ୍ପ୍ କରି ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ

**ଗୁଡାରି, ୧୬। ୩ (ପ୍ରମୋଦ କୁମାର ପତି)**

ରାୟଗଡା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଗୁଡାରି ବ୍ଲକର ମଧୁବନ ଗ୍ରାମ ପଞ୍ଚାୟତର ପାହାଡ ଉପରେ ଥିବା ଗାଁ କାର୍ଲାଗୁଡ଼ି, ରେଙ୍ଗାପଦର ଓ କେପିଟି ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ପ୍ରାୟ ୩ କିଲୋମିଟର ପାହାଡ଼ ଚଢ଼ି ନାଳ ପାର ହୋଇ ସମସ୍ତ ଗ୍ରାମ ଗସ୍ତ କରି ଲୋକଙ୍କ ମୌଳିକ ସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି ଗ୍ରାମଗୁଡିକରେ ଆଧାର କାର୍ଡ ଓ ଖାଉଟି କାର୍ଡ ସମସ୍ୟା ବହୁ ପରିମାଣରେ ଥିବାରୁ ତୁରନ୍ତ ଏକ କ୍ୟାମ୍ପ କରି ସେବା ଯୋଗାଇ ଦେବାକୁ ଜିଲାପାଳ କୁଲକର୍ଣ୍ଣି ତହସିଲଦାର ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ସମୀକ୍ଷା କରି ୩ ଗ୍ରାମକୁ ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସଂଯୋଗ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩ଗ୍ରାମର ଲୋକଙ୍କୁ ଅନ୍ତର୍ଭୁକ୍ତ କରିବା ସହ କାର୍ଯ୍ୟାଦେଶ ପ୍ରଦାନ କରି ଘର ଶୀଘ୍ର ଗୃହ କାର୍ଯ୍ୟ ସମାପ୍ତ କରିବାକୁ ଲୋକଙ୍କୁ ସଚେତନ କରିବା ନିମନ୍ତେ ବିଡ଼ିଓଙ୍କୁ କହିଥିଲେ। ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ କାର୍ଯ୍ୟ ତୁରନ୍ତ କରିବା ନିମନ୍ତେ ଶିଶୁ ବିକାଶ ଯୋଜନା ଅଧିକାରୀ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସରକାରଙ୍କ ସମସ୍ତ ଯୋଜନା ଲୋକ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଜିଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମ ଥର ପାଇଁ ଏହି ଗାଁରେ ଜିଲାପାଳଙ୍କୁ ଦେଖି ଗ୍ରାମବାସୀ ମଧ୍ୟ ବହୁତ ଖୁସି ହୋଇଥିଲେ ଏବଂ ଗ୍ରାମର ସମସ୍ତ ସମସ୍ୟା କହିଥିଲେ । ଆଗାମୀ ଦିନରେ ଜିଲା ପ୍ରଶାସନ ଅପହଞ୍ଚ ଗ୍ରାମକୁ ଗସ୍ତ କରି ଲୋକଙ୍କ ମୌଳିକ ସୁବିଧା ବୁଝିବା ସହ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ନିମନ୍ତେ ପଦକ୍ଷେପ ନେବ ବୋଲି ଜିଲାପାଳ କୁଲକର୍ଣ୍ଣି ପ୍ରକାଶ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଗୁଣପୁର ଉପ ଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରା, ତହସିଲଦାର ଏ.ସ୍ନେହଲତା, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଶବର, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


ଜିଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ପାହାଡ଼ ଚଢ଼ି ଲୋକଙ୍କ ସମସ୍ୟା ବୁଝିଲେ ଜିଲାପାଳ**

# ବନ୍ଦ ଘରୁ ଶିକ୍ଷକଙ୍କ ମୃତଦେହ ଜବତ

**ପଦ୍ମପୁର, ୧୬।୩ (ପ୍ରଶାନ୍ତ କୁମାର କର)**

ରାୟଗଡ଼ା ଜିଲା ପଦ୍ମପୁର ମୁଖ୍ୟ ବଜାର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ବନ୍ଦ ଘରୁ ଜଣେ ଶିକ୍ଷକଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତ ଶିକ୍ଷକ ଜଣକ ହେଲେ ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲର ଭୋକେସନାଲ ଶିକ୍ଷକ ରଞ୍ଜିତ କୁମାର ପ୍ରଧାନ (୨୮)। ତାଙ୍କ ଘର ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରେ ବୋଲି ଜଣାପଡିଛି। ସୋମବାର ଶିକ୍ଷକ ଜଣକ ସ୍କୁଲ ଯାଇ ନ ଥିବାରୁ ହାଇସ୍କୁଲର ଶିକ୍ଷକମାନେ ତାଙ୍କ ଘରକୁ ଆସିଥିଲେ। ଘରର କବାଟ ଭିତର ପଟୁ ଦିଆଯାଇଥିବାରୁ ସେମାନେ ବହୁତ ଡାକିବା ପରେ ମଧ୍ୟ ସେ କବାଟ ନ ଖୋଲିବାରୁ ଆଖପାଖ ଲୋକଙ୍କୁ ଡାକି କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଘର ଭିତରେ ଶିକ୍ଷକ ମୃତ୍ୟୁବରଣ କରି ପଡ଼ିଥିବା ଦେଖି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମେଡିକାଲରେ ପହଞ୍ଚିବାର ବହୁ ଆଗରୁ ତାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଏହାକୁ ନେଇ ପଦ୍ମପୁର ଥାନାରେ ଏକ ଅପମୃତ୍ୟୁ ଦାୟର ହୋଇଛି। ପୋଲିସ ମୃତଦେହ ଜବତ କରି ପରିବାର ଲୋକେ ଆସିବା ପରେ ଗୁଣପୁର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି କହିଛନ୍ତି।

# ଗ୍ୟାସ୍ କଳାବଜାର ରୋକିବାକୁ ଖୋଲିଲା ୨୪ ଘଣ୍ଟିଆ ଅଭିଯୋଗ ପ୍ରକୋଷ୍ଠ

**ରାୟଗଡା/ ଗୁଣପୁର, ୧୬।୩ (ଆଶିଷ ରଞ୍ଜନ ପଣ୍ଡା/ସଂକେତ ପାତ୍ର)**

ରାୟଗଡା ଜିଲାରେ ଗ୍ୟାସ କଳାବଜାର, କୃତ୍ରିମ ଅଭାବ, ଅଧିକ ଦରରେ ବିକ୍ରି ଓ ପେଟ୍ରୋଲିୟମ କଳାବଜାର ରୋକିବା ନିମନ୍ତେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି । ଯୋଗାଣ ନିରୀକ୍ଷକ ମହେନ୍ଦ୍ର କୁମାର ରାଏଙ୍କୁ (୮୪୫୬୦୭୮୧୪୯) କେନ୍ଦ୍ର ଅଧିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ କ୍ଷିପ୍ର ଲେଖକ ଅର୍ତ୍ତତ୍ରାଣ ବେହେରାଙ୍କୁ ସହଯୋଗ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଜିଲାରୁ ଯେକୌଣସି ସମୟରେ ଗ୍ୟାସ୍‌ଜନିତ ସମସ୍ୟା ଆସିଲେ ତୁରନ୍ତ ସମାଧାନ କରିବା ସହ ଜିଲାପାଳ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଅବଗତ କରିବା ନିମନ୍ତେ ନିର୍ଦ୍ଦେଶ ହୋଇଛି। ଗ୍ୟାସ୍ ଓ ପେଟ୍ରୋଲିୟମ ସମସ୍ୟା ଯାହାଥିଲେ ଉପରୋକ୍ତ ଅଧିକାରୀ ଓ ତାଙ୍କ ମୋବାଇଲରେ ଅଭିଯୋଗ କରିବାକୁ ଜନସାଧାରଣଙ୍କୁ ଅପିଲ କରାଯାଇଛି ।

# କୁଆପଥର ମାଡ଼ରେ ପରିବା ଫସଲ ନଷ୍ଟ


ଚାଷ ଜମିରେ ଜମା ହୋଇଥିବା କୁଆପଥର।

**ସୁନାବେଡା/ସେମିଳିଗୁଡ଼ା, ୧୬।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁମ୍ଭୀଗୁଡ଼ା, ଆଲିଗାଁ ଓ ପାଗୁଗୁଡ଼ା ଅଞ୍ଚଳରେ ସୋମବାର ବର୍ଷା ସହ କୁଆପଥର ମାଡ଼ ହୋଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଏହି ୩ ଅଞ୍ଚଳରେ ଚାଷ ହୋଇଥିବା ବିଭିନ୍ନ ପନିପରିବା ନଷ୍ଟ ହୋଇଛି। ପାକଝୋଲା ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ କହିବା ମୁତାବକ ଘଡଘଡି ସହ ବର୍ଷା ଓ କୁଆପଥର ମାଡ଼ ଯୋଗୁ ଏକର ଏକର ଜମିରେ ପ୍ରାୟ ଫୁଟେ ଉଚ୍ଚର କୁଆପଥର ଜମା ହୋଇଥିଲା। ଏହି ଗାଁଗୁଡ଼ିକର ଚାଷୀ ବର୍ତ୍ତମାନ ଚିନ୍ତାରେ ରହିଛନ୍ତି। ଚାଷୀମାନେ ଧାର କରି ଚାଷ କରିଥିବା ଥିବା ବେଳେ ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

# ୬୩ ଅଭିଯୋଗର ଶୁଣାଣି, ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ



ଶିବିରରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ଗୁଡରି, ୧୬।୩ (ପ୍ରମୋଦ କୁମାର ପତି)**

**୩ ଜଣଙ୍କୁ ଆର୍ଥିକ ସହାୟତା କଲେ ଜିଲାପାଳ**

ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ଗୁଡାରି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋଷ୍ଟୁନର ବାର୍ଲା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୬୩ଟି ଅଭିଯୋଗ ଶୁଣାଣି ହୋଇଥିଲା। ସେଥିରୁ ୫୭ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ପଞ୍ଜିକରଣ ହୋଇଥିଲା। ଜିଲାପାଳ ୩ ଜଣଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସେଗୁଡିକର ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଅବକାରୀ ନିରିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଏ.ସ୍ନେହଲତା ଉପସ୍ଥିତ ଥିବା ବେଳେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଥାନା ଅଧିକାରୀ ବିଶ୍ୱ ବନ୍ଦିନୀ ବାଗଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ବିଜୟ ଉତ୍ସବ ପାଳିଲା ଭାଜପା


ଭାଜପା କର୍ମକର୍ତ୍ତା ବିଜୟ ଉତ୍ସବ ପାଳନ କରୁଛନ୍ତି।

**ରାୟଗଡା, ୧୬।୩ (ଆଶିଷ ରଞ୍ଜନ ପଣ୍ଡା)**

ବହୁ ପ୍ରତୀକ୍ଷିତ ରାଜ୍ୟସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ବିଜୟୀ ହୋଇଛନ୍ତି। ସେହିପରି ଭାଜପା ସମର୍ଥନରେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ଦିଲୀପ ରାୟ ମଧ୍ୟ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟବ୍ୟାପୀ ଭାଜପା କାର୍ଯ୍ୟକର୍ତ୍ତା ଖୁସି ମନାଉଛନ୍ତି । ସୋମବାର ସନ୍ଧ୍ୟାରେ ରାୟଗଡା ଜିଲା ଭାଜପା ସଭାପତି ଗୋପୀ ଆନନ୍ଦଙ୍କ ନେତୃତ୍ୱରେ ସ୍ଥାନୀୟ କପିଳାସ ହୋଟେଲ ସମ୍ମୁଖରେ ଭାଜପା କର୍ମକର୍ତ୍ତା ବିଜୟ ଉତ୍ସବ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସମ୍ପାଦକ ଦେବାଶିଷ ପଣ୍ଡା, ପୃଥିବୀ, ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକାଙ୍କ ସମେତ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ମାଲକାନଗିରିର ସିତିଜ୍‌ଙ୍କୁ ମିଳିଲା ସ୍ୱର୍ଣ୍ଣପଦକ

**ମାଲକାନଗିରି, ୧୬।୩ (ଦୁର୍ଯ୍ୟୋଧନ ପାତ୍ର)**

**ରାଜ୍ୟସ୍ତରୀୟ ବଡିବିଲ୍ଡିଂ ଚାମ୍ପିୟନଶିପ୍**



ରାଜ୍ୟସ୍ତରୀୟ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ମାଲକାନଗିରି ଜିଲାର ଯୁବକ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ରାୟଗଡା ଜିଲା କାଶୀପୁର ବ୍ଲକ୍ ଟିକିରିରେ ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ମାଲକାନଗିରି ଜିଲାର ସିତିଜ୍ ପ୍ରେମ କୁମାର ରାଜ୍ୟସ୍ତରରେ ଟପ୍ପର ହୋଇ ସ୍ୱର୍ଣ୍ଣପଦକ ପାଇବା ସହ ଚାମ୍ପିୟନଶିପ୍ ହାସଲ କରିଛନ୍ତି। ଏହା ମାଲକାନଗିରି ଜିଲା ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୧୭୦ ଜଣ ଯୁବକ ଓ ୫ ଜଣ ଯୁବତୀ ଅଂଶଗ୍ରହଣ କରିଥିଲେ। ଗତ କିଛିଦିନ ପୂର୍ବେ ଜିଲାସ୍ତରୀୟ ବଡିବିଲ୍ଡିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ମାଲକାନଗିରି ସହରର ସିତିଜ୍ ପ୍ରେମ କୁମାର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତର ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ। ସିତିଜଙ୍କୁ ଟ୍ରେନର ଭାବେ ପଦ୍ମଲୋଚନ ମାଝୀ ଓ ସିଦ୍ଧାର୍ଥ ବେହେରା ରହି ସମସ୍ତ ପ୍ରକାର ଶିକ୍ଷା ଦେଇଥିଲେ। ଏହି ସଫଳତା ପାଇଁ ସିତିଜ୍ ତାଙ୍କ ପରିବାରବର୍ଗ ଓ ଟ୍ରେନର ପଦ୍ମଲୋଚନ ମାଝୀ ଓ ସିଦ୍ଧାର୍ଥ ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଗ୍ୟାସ୍ ସଙ୍କଟ: କେୱାଇସି, ବୁକିଂ ପାଇଁ ଲମ୍ଫାଧାଡ଼ି

**ଛତ୍ରପୁର, ୧୬।୩( ଦିଲୀପ ସାମଲ)**

ଗ୍ୟାସ ବୁକିଂ ନମ୍ବର ଲାଗୁନାହିଁ, ରିଫିଲ୍ ପାଇଁ ପୂର୍ବରୁ ବୁକିଂ ହୋଇଥିଲେ ମଧ୍ୟ ଗ୍ୟାସ ସିଲିଣ୍ଡର ଆସିବାରେ ବିଳମ୍ବ ହେଉଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ସମଗ୍ର ଭାରତରେ ଏଭଳି ଏଲ୍‌ପିଜି ସଙ୍କଟ ଦେଖାଦେଇଛି। ଗଞ୍ଜାମ ଜିଲା ଛତ୍ରପୁରରେ ମଧ୍ୟ ରନ୍ଧନ ଗ୍ୟାସ ପାଇଁ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। ୨୫ ଦିନ ତଳୁ ବୁକିଂ କରିଥିବା ଉପଭୋକ୍ତା ଏ ଯାଏ ସିଲିଣ୍ଡର ପଇପାରିନାହାନ୍ତି। ଗ୍ୟାସ ପାଇବାର ୨୫ ଦିନ ପରେ ପୁଣି ଆଉ ଏକ ନୂଆ ଗ୍ୟାସ ବୁକିଂ କରିବାକୁ ପଡୁଛି। ଘରୋଇ ସିଲିଣ୍ଡର ଯୋଗାଣରେ ଯେଭଳି କୌଣସି ବାଧା ନ ଆସିବ ସେଥିପାଇଁ ସରକାର ତାଗିଦ କରିବା ସତ୍ତ୍ୱେ ବି ସ୍ଥିତିରେ ସୁଧାର ଆସି ନ ଥିବା ଦେଖାଯାଉଛି। ସୋମବାର ଛତ୍ରପୁରସ୍ଥିତ ଶକ୍ତି ଏଣ୍ଟର ପ୍ରାଇଜର୍ସ ତଥା ଏଚପି ଗ୍ୟାସ ସମ୍ମୁଖରେ କେୱାଇସି ସହିତ ବୁକିଂ କରିବା ପାଇଁ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି । ଇ କେୱାଇସି ନ କଲେ ଗ୍ୟାସ ବୁକିଂ ହେଉନାହିଁ। ବାତିଲ ହୋଇଯାଉଛି । ତେଣୁ ଇ କେୱାଇସି କରିବା ପାଇଁ ଏଚପି ଗ୍ୟାସ ଅଫିସ ଆଗରେ ଗ୍ରାହକମାନେ ଭିଡ଼ ଜମାଇଛନ୍ତି। ସୂଚନା ମୁତାବକ ଛତ୍ରପୁର ଏଜେନ୍ସି ନିକଟରେ ୫୮୪ ସିଲିଣ୍ଡର ଷ୍ଟକ ରହିଥିବା ବେଳେ ଏବେ ସୁଦ୍ଧା ୩୬୧୫ ଜଣ ରିଫିଲ ପାଇଁ ବୁକିଂ କରିଛନ୍ତି। ସେସବୁ ପେଣ୍ଡିଂ ହୋଇ ରହିଛି। ଅନ୍ୟପକ୍ଷରେ କମରସିଆଲ ଗ୍ୟାସ ଆସୁନଥିବାରୁ ସହରରେ ବହୁ ହୋଟେଲ ବନ୍ଦ ରହିଛି। କେତେକ ହୋଟେଲରେ କାଠ ଚୁଲିରେ ରୋଷେଇ ଆରମ୍ଭ ହୋଇଛି।

# ମାଓବାଦୀ ଲୁଚାଇ ରଖିଥିବା ବିସ୍ଫୋରକ ଜବତ

**ମାଲକାନଗିରି, ୧୬।୩ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ୨୨୬ ବାଟାଲିୟନ ସିଆର୍‌ପିଏଫ୍ ଯବାନ ଗତ ଶନିବାର ଭୋର ସମୟରେ ସ୍ୱତନ୍ତ୍ର ଆମ୍ବୁସ ଅପରେଶନ କରୁଥିବାବେଳେ ଗୋମଗୁଡ଼ା ଗ୍ରାମର ପୋଡିୟମପାରା ଅଞ୍ଚଳରେ ଏକ ମାଓବାଦୀ ଡମ୍ପ ଠାବ କରିଥିଲେ। ଉକ୍ତ ଡମ୍ପରେ ମାଓବାଦୀମାନେ ଲୁଚାଇ ରଖିଥିବା ବ୍ୟାପକ ବିସ୍ଫୋରକ ସାମଗ୍ରୀକୁ ଯବାନମାନେ ଜବତ କରିଛନ୍ତି। ବିସ୍ଫୋରକ ସାମଗ୍ରୀ ସହ ମାଓବାଦୀମାନେ ବ୍ୟବହାର କରୁଥିବା ସାମଗ୍ରୀ ଜବତ ହୋଇଥିବା ପୋଲିସ କହିଛି। ଏହି କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପକୁ ଏକ ବଡ଼ ଧକ୍କା ଦେଇଛି ବୋଲି ସିଆର୍‌ପିଏଫ୍‌ର ଦ୍ୱିତୀୟ-ଇନ୍-କମାଣ୍ଡ ଅଧିକାରୀ ବୀରେନ୍ଦ୍ର କୁମାର କହିଛନ୍ତି। ସୁରକ୍ଷା ବାହିନୀ ନକ୍ସଲବାଦର ମୂଳୋତ୍ପାଟନ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ, ଆଗକୁ ମଧ୍ୟ ସମାନ ଅପରେଶନ ଜାରି ରହିବ ବୋଲି ସେ କହିଛନ୍ତି।

# ସ୍ଥାୟୀ ନିଯୁକ୍ତି ଦାବିରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧର୍ମଘଟ

**ମୁନିଗୁଡ଼ା, ୧୬।୩ (ନନ୍ଦ କିଶୋର ପଟ୍ଟନାୟକ)**

ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ଗତ ୧୦ ତାରିଖରୁ ରାଜ୍ୟ ସଂଘ ପକ୍ଷରୁ କରାଯାଉଥିବା ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ଜାରି ରହିଥିବା ବେଳେ ସୋମବାର ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଧର୍ମଘଟରେ ବସି ରହିଛନ୍ତି। ମୁନିଗୁଡା ଆଉଟ୍‌ସୋର୍ସିଂ କର୍ମଚାରୀ କୃତ୍ତିବାସ ସାହୁ, ଆବିଷ୍କାର ଦାସ, ଦୁଃଖୀ ନାଗ, କିରଣ କୁମାର,ଚନ୍ଦନ କୁମାରଙ୍କ ସମେତ ୨୮ ଜଣ କର୍ମଚାରୀ ଧାରଣାରେ ବସିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସ୍ମାରକପତ୍ର ମେଡିକାଲ ଅଫିସରଙ୍କୁ ପ୍ରଦାନ କରାଯାଇଥିଲା। ମେଡିକାଲ ଅଫିସରଙ୍କ ଅନୁପସ୍ଥିତିରେ ଡା. ଜି.ଆଲେଖ୍ୟାଙ୍କୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ୩ଟି ପ୍ରମୁଖ ଦାବି ଛଟେଇ ବନ୍ଦ କର, ପୁନଃ ନିଯୁକ୍ତି ଦିଅ, ଡେଲି ୱେଜସ ଆଉଟସୋର୍ସିଂ ବ୍ୟବସ୍ଥାକୁ ଏକକ ନୀତିରେ ଆଣ ଓ ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଅ ବୋଲି ଉଲ୍ଲେଖ ରହିଛି। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଆମ ଦାବି ପୂରଣ କରିନାହାନ୍ତି ସେପର୍ଯ୍ୟନ୍ତ ଆମ୍ଭେ ଆମ ରାଜ୍ୟ ଓ ଜିଲା ସଂଘକୁ ସହଯୋଗ କରିବା ସହ ଧର୍ମଘଟସ୍ଥଳୀରେ ଉପସ୍ଥିତ ରହିବା ପାଇଁ ଅନୁମତି ଦିଆଯିବା ସହ ଆମର ଛୁଟି ମଞ୍ଜୁର କରାଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପଟେ ମୁନିଗୁଡା ଆଉଟ୍‌ସୋର୍ସିଂ କର୍ମଚାରୀମାନେ ୩ଟି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧର୍ମଘଟସ୍ଥଳୀରେ ବସିରହିବେ ବୋଲି ଜଣାପଡିଛି। ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଯଦି କାମରେ ଯୋଗ ନ ଦିଅନ୍ତି ତା'ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଠିକ୍ ସମୟରେ ସେବା ପାଇବାରୁ ବଞ୍ଚିତ ହେବେ ଏବଂ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସାଧାରଣରେ ଆଲୋଚନା ହେଉଛି।


ମୁନିଗଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଧର୍ମଘଟରେ ବସିଥିବା ଆଉଟ୍‌ସୋର୍ସିଂ କର୍ମଚାରୀ।

# ବଜାର ବ୍ୟବସ୍ଥା ନ ଥିବାରୁ ଉଚିତ ମୂଲ୍ୟ ପାଉନାହାନ୍ତି ଡଙ୍ଗରିଆ

**ଅଭାବୀ ବିକ୍ରିର ଶିକାର**

**କଲ୍ୟାଣସିଂହପୁର, ୧୬।୩ (ଦୀପକ କୁମାର ପରିଡା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ପାର୍ସଲି ପଞ୍ଚାୟତର ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କ ଜୀବନ ଜୀବିକା ସହ ଜଡିତ ଲଘୁ ବନଜାତ ଦ୍ରବ୍ୟ ମହୁଲ ଫୁଲ। ଏବେ ସକାଳ ହେଲେ ଜଙ୍ଗଲମୁହାଁ ହେଉଛନ୍ତି ଡଙ୍ଗରିଆ ପରିବାର। ପିଲାଠୁ ବୟସ୍କ ପର୍ଯ୍ୟନ୍ତ ସମସସ୍ତେ ମହୁଲ ଫୁଲ ସଂଗ୍ରହରେ ଲାଗିପଡୁଛନ୍ତି। ନିୟମଗିରି ଅଞ୍ଚଳରେ ବିଶେଷକରି ମାର୍ଚ୍ଚରୁ ଏପ୍ରିଲରେ ମହୁଲଫୁଲ ଗଛରେ ଧରିବା ସହହ ଝଡି ତଳେ ପଡିଥାଏ । ଡଙ୍ଗରିଆମାନେ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରି ଘରକୁ ଆଣିବା ପରେ ଏହାକୁ ଖରାରେ ୩ ରୁ ୪ ଦିନ ଶୁଖାଇଲା ପରେ ବିକ୍ରି କରି ଦୁଇପଇସା ରୋଜଗାର କରି ପରିବାର ପୋଷଣ କରିଥାନ୍ତି। ହେଲେ ପରିଶ୍ରମ ଅନୁସାରେ ଉଚିତ ମୂଲ୍ୟ ମିଳୁ ନ ଥିବା ମହୁଲ ଫୁଲ ଗୋଟାଳିମାନେ କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାରେ ମହୁଲ ସଂରକ୍ଷଣ କରିବା ପାଇଁ ବ୍ୟବସ୍ଥା ନ ଥିବା ଯୋଗୁ ଏବଂ ସରକାରଙ୍କ ତରଫରୁ ଏହାକୁ ଉଚିତ ଦରରେ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା ନ ଥିବାରୁ ଡଙ୍ଗରିଆ କନ୍ଧମାନେ ନିରୁପାୟ ହୋଇ କିଲୋ ପିଛା ୩୦ରୁ ୩୫ ଟଙ୍କାରେ ସ୍ଥାନୀୟ ବେପାରୀଙ୍କୁ ବିକ୍ରି କରୁଥିବା କହିଛନ୍ତି। ଏହାଦ୍ୱାରା ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଅଛି। ପ୍ରତିବର୍ଷ ଏ ସମ୍ପର୍କରେ ଅଭିଯୋଗ ହେଉଥିଲେ ବି ସରକାର ଦୁଃଖ ଶୁଣୁ ନ ଥିବାରୁ ଆମେ ଅଭାବି ବିକ୍ରିର ଶିକାର ହେଉଥିବା ନିୟମଗିରି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ପକ୍ଷରୁ ଅଭିଯୋଗ ହୋଇଛି। ସରକାରୀ ଭାବେ ବିକ୍ରି ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଡଙ୍ଗରିଆମାନେ ମହୁଲ ଫୁଲ ଗୋଟାଉଛନ୍ତି।

## ସଂକ୍ଷେପରେ

### ପାଣି ଟ୍ୟାଙ୍କରରୁ ଚକା ଖୋଲି ନେଲେ ଦୁର୍ବୃତ୍ତ

ଦିଗପହଣ୍ଡି, ୧୬।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତ ଧେରେଣ୍ଡି ଗ୍ରାମ ନିକଟରେ ଜଳସେଚନ ବିଭାଗ କେନାଲ ଉନ୍ନତିକରଣ କାମରେ ପାଣି ବ୍ୟବହାର ଲାଗି ପାଣି ଟ୍ୟାଙ୍କର ରଖିଥିଲା। ଏହି ପାଣି ଟ୍ୟାଙ୍କରରୁ ରବିବାର ରାତିରେ କେହି ଦୁର୍ବୃତ୍ତ ଚକା ଖୋଲି ନେଇଯାଇଛି। କାମ କରୁଥିବା ଠିକାଦାର ପ୍ରଦୀପ ପଣ୍ଡା ରବିବାର ସନ୍ଧ୍ୟାରେ କାମ ଅନୁଧ୍ୟାନ କରି ଘରକୁ ଫେରିଥିଲେ । ସୋମବାର ସକାଳୁ ଶ୍ରମିକମାନେ କାମ କରିବାକୁ ଆସି ସେଠାରେ ଥିବା ପାଣି ଟ୍ୟାଙ୍କର ପଛର ଦୁଇଟି ଚକ ନ ଥିବା ଦେଖି ବାକୁ ପାଇ ଏନେଇ ପଣ୍ଡାଙ୍କୁ ଜଣାଇଥିଲେ।

### ୩ ଫେରାର ଅଭିଯୁକ୍ତ ଗିରଫ

ଦିଗପହଣ୍ଡି, ୧୬।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ସୋମବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସୁନାରି ସାହିର ପ୍ରଦୀପ ମହାନ୍ତି।ତାଙ୍କ ବିରୋଧରେ ଜି.ଆର. କେସ ନଂ. ୨୩୬/୨୩ ଅନୁଯାୟୀ ହତ୍ୟା ଉଦ୍ୟମ ମାମଲା ରହିଥିଲା। ସେ କୋର୍ଟରୁ ଜାମିନରେ ଆସିବା ପରେ ଅଉ କୋର୍ଟରେ ହାଜର ହୋଇ ନ ଥିଲେ। ଏଥିରେ କୋର୍ଟ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ପ୍ରଦୀପଙ୍କୁ ଗିରଫ ଲାଗି ୱାରେଣ୍ଟ ଜାରି କରିଥିଲେ। ସେହି ୱାରେଣ୍ଟ ବଳରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ରାଜପୁର ରୋଡ଼ର କାଠ ବ୍ୟବସାୟୀ ଶାନ୍ତନୁ ଶତପଥୀଙ୍କ ଆତ୍ମହତ୍ୟା ମାମଲାରେ ଅଭିଯୁକ୍ତ ଥିବା ଡି. ସୀମାଞ୍ଚଳ ଦୋରାଙ୍କୁ ପୋଲିସ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଛି। ଜି.ଆର କେସ ନଂ.୨୪୪/୨୧ ଅନୁଯାୟୀ ତାଙ୍କ ନାଁରେ କୋର୍ଟ ପକ୍ଷରୁ ଜାମିନ ବିହୀନ ୱାରେଣ୍ଟ ଜାରି ହୋଇଥିଲା। ରାଜପୁର ଗ୍ରାମର ସାଗର ସ୍ୱାଇଁଙ୍କୁ ମଧ୍ୟ ଏକ ଚୋରି ମାମଲା ଜି.ଆର କେସ ନଂ.୩୨/୨୨ରେ କୋର୍ଟ ୱାରେଣ୍ଟ ବଳରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି କିଶୋର ସାମଲ କହିଛନ୍ତି।

### ଗ୍ୟାସ୍ କଳାବଜାର ରୋକିବାକୁ ଖୋଲିଲା ଅଭିଯୋଗ ପ୍ରକୋଷ୍ଠ

ରାୟଗଡା/ ଗୁଣପୁର, ୧୬।୩
(ଆଶିଷ ରଞ୍ଜନ ପଣ୍ଡା/ସଂକେତ ପାତ୍ର)

ରାୟଗଡା ଜିଲାରେ ଗ୍ୟାସ କଳାବଜାର, କୃତ୍ରିମ ଅଭାବ, ଅଧିକ ଦରରେ ବିକ୍ରି ଓ ପେଟ୍ରୋଲିୟମ କଳାବଜାର ରୋକିବା ନିମନ୍ତେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି । ଯୋଗାଣ ନିରୀକ୍ଷକ ମହେନ୍ଦ୍ର କୁମାର ରାଏଙ୍କୁ (୮୪୫୬୦୭୮୧୪୯) କେନ୍ଦ୍ର ଅଧିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ କ୍ଷିପ୍ର ଲେଖକ ଅର୍ତ୍ତତ୍ରାଣ ବେହେରାଙ୍କୁ ସହଯୋଗ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

### ବନ୍ଦ ଘରୁ ଶିକ୍ଷକଙ୍କ ମୃତଦେହ ଜବତ

ପଦ୍ମପୁର, ୧୬।୩ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ମୁଖ୍ୟ ବଜାର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ବନ୍ଦ ଘରୁ ଜଣେ ଶିକ୍ଷକଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତ ଶିକ୍ଷକ ଜଣକ ହେଲେ ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲର ଭୋକେସନାଲ ଶିକ୍ଷକ ରଞ୍ଜିତ କୁମାର ପ୍ରଧାନ (୨୮)। ତାଙ୍କ ଘର ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରେ ବୋଲି ଜଣାପଡିଛି। ସୋମବାର ଶିକ୍ଷକ ଜଣକ ସ୍କୁଲ ଯାଇ ନ ଥିବାରୁ ହାଇସ୍କୁଲର ଶିକ୍ଷକମାନେ ତାଙ୍କ ଘରକୁ ଆସିଥିଲେ। ଘରର କବାଟ ଭିତର ପଟୁ ଦିଆଯାଇଥିବାରୁ ସେମାନେ ବହୁତ ଡାକିବା ପରେ ମଧ୍ୟ ସେ କବାଟ ନ ଖୋଲିବାରୁ ଆଖପାଖ ଲୋକଙ୍କୁ ଡାକି କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଘର ଭିତରେ ଶିକ୍ଷକ ମୃତ୍ୟୁବରଣ କରି ପଡ଼ିଥିବା ଦେଖି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମେଡିକାଲରେ ପହଞ୍ଚିବାର ବହୁ ଆଗରୁ ତାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଏହାକୁ ନେଇ ପଦ୍ମପୁର ଥାନାରେ ଏକ ଅପମୃତ୍ୟୁ ଦାୟର ହୋଇଛି। ପୋଲିସ ମୃତଦେହ ଜବତ କରି ପରିବାର ଲୋକେ ଆସିବା ପରେ ଗୁଣପୁର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି କହିଛନ୍ତି।

# ପେଦାବାଡ଼ାରେ ୮୯ ଅଭିଯୋଗ ଶୁଣିଲେ ଜିଲାପାଳ

ମାଲକାନଗିରି, ୧୬।୩
(ଦୁର୍ଯ୍ୟୋଧନ ପାତ୍ର)



ଜଣେ ବ୍ୟକ୍ତି ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ମାଲକାନଗିରି ସଦର ବ୍ଲକ୍ ପେଦାବାଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଓ ବନଖଣ୍ଡ ଅଧିକାରୀ ସାଇ କିରଣଙ୍କ ସମେତ ଜିଲା ପ୍ରଶାସନର ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ପଚାରି ବୁଝିଥିଲେ । ଶିବିରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଜମିଜମା ବିବାଦ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ଭଳି ବିଭିନ୍ନ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ନେଇ ଅଭିଯୋଗ କରିଥିଲେ । ମୋଟ ୮୯ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୩ଟି ବ୍ୟକ୍ତିଗତ ସମସ୍ୟା ରହିଥିବା ବେଳେ ୮୬ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ଶିବିରରେ ଅନେକ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ଗୁରୁତର ସମସ୍ୟାଗୁଡିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡିକୁ ସିଧାସଳଖ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଏହି ଶିବିରର ମୂଳଲକ୍ଷ୍ୟ ବୋଲି ଜିଲାପାଳ କହିଛନ୍ତି। ପ୍ରଶାସନକୁ ପାଖରେ ପାଇ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା।

# ମାଓବାଦୀ ଲୁଚାଇ ରଖିଥିବା ବିସ୍ଫୋରକ ଜବତ

ମାଲକାନଗିରି, ୧୬।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ୨୨୬ ବାଟାଲିୟନ ସିଆର୍‌ପିଏଫ୍ ଯବାନ ଗତ ଶନିବାର ଭୋର ସମୟରେ ସ୍ୱତନ୍ତ୍ର ଆମ୍ବୁସ ଅପରେଶନ କରୁଥିବାବେଳେ ଗୋମଗୁଡ଼ା ଗ୍ରାମର ପୋଡିୟମପାରା ଅଞ୍ଚଳରେ ଏକ ମାଓବାଦୀ ଡମ୍ପ ଠାବ କରିଥିଲେ। ଉକ୍ତ ଡମ୍ପରେ ମାଓବାଦୀମାନେ ଲୁଚାଇ ରଖିଥିବା ବ୍ୟାପକ ବିସ୍ଫୋରକ ସାମଗ୍ରୀକୁ ଯବାନମାନେ ଜବତ କରିଛନ୍ତି। ବିସ୍ଫୋରକ ସାମଗ୍ରୀ ସହ ମାଓବାଦୀମାନେ ବ୍ୟବହାର କରୁଥିବା ସାମଗ୍ରୀ ଜବତ ହୋଇଥିବା ପୋଲିସ କହିଛି। ଏହି କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପକୁ ଏକ ବଡ଼ ଧକ୍କା ଦେଇଛି ବୋଲି ସିଆର୍‌ପିଏଫ୍‌ର ଦ୍ୱିତୀୟ-ଇନ୍-କମାଣ୍ଡ ଅଧିକାରୀ ବୀରେନ୍ଦ୍ର କୁମାର କହିଛନ୍ତି। ସୁରକ୍ଷା ବାହିନୀ ନକ୍ସଲବାଦର ମୂଳୋତ୍ପାଟନ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ, ଆଗକୁ ମଧ୍ୟ ସମାନ ଅପରେଶନ ଜାରି ରହିବ ବୋଲି ସେ କହିଛନ୍ତି।

# ମାଲକାନଗିରିର ସିତିଜ୍‌ଙ୍କୁ ମିଳିଲା ସ୍ୱର୍ଣ୍ଣପଦକ



ସିତିଜ୍ ପ୍ରେମ କୁମାରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ମାଲକାନଗିରି, ୧୬।୩ (ଦୁର୍ଯ୍ୟୋଧନ ପାତ୍ର)

**ରାଜ୍ୟସ୍ତରୀୟ ବଡିବିଲ୍ଡିଂ ଚାମ୍ପିୟନଶିପ୍**

ରାଜ୍ୟସ୍ତରୀୟ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ମାଲକାନଗିରି ଜିଲାର ଯୁବକ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ରାୟଗଡା ଜିଲା କାଶୀପୁର ବ୍ଲକ୍ ଟିକିରିରେ ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ମାଲକାନଗିରି ଜିଲାର ସିତିଜ୍ ପ୍ରେମ କୁମାର ରାଜ୍ୟସ୍ତରରେ ଟପ୍ପର ହୋଇ ସ୍ୱର୍ଣ୍ଣପଦକ ପାଇବା ସହ ଚାମ୍ପିୟନଶିପ୍ ହାସଲ କରିଛନ୍ତି। ଏହା ମାଲକାନିଗିରି ଜିଲା ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୧୭୦ ଜଣ ଯୁବକ ଓ ୫ ଜଣ ଯୁବତୀ ଅଂଶଗ୍ରହଣ କରିଥିଲେ। ଗତ କିଛିଦିନ ପୂର୍ବେ ଜିଲାସ୍ତରୀୟ ବଡିବିଲ୍ଡିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ମାଲକାନଗିରି ସହରର ସିତିଜ୍ ପ୍ରେମ କୁମାର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତର ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ। ସିତିଜଙ୍କୁ ଟ୍ରେନର ଭାବେ ପଦ୍ମଲୋଚନ ମାଝୀ ଓ ସିଦ୍ଧାର୍ଥ ବେହେରା ରହି ସମସ୍ତ ପ୍ରକାର ଶିକ୍ଷା ଦେଇଥିଲେ। ଏହି ସଫଳତା ପାଇଁ ସିତିଜ୍ ତାଙ୍କ ପରିବାରବର୍ଗ ଓ ଟ୍ରେନର ପଦ୍ମଲୋଚନ ମାଝୀ ଓ ସିଦ୍ଧାର୍ଥ ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୩ରୁ ସର୍ବ ଗ୍ରାମଦେବୀଙ୍କ ମହାମେଳନ, ବଡ଼ଯାତ୍ରା


ବୈଠକରେ ଠାକୁରାଣୀ ଯାତ୍ରା କମିଟି କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କୋରୁକୋଣ୍ଡା, ୧୬।୩(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳା ସହରରେ ପ୍ରତି ୨ ବର୍ଷ ବ୍ୟବଧାନରେ ଦୀର୍ଘ ବର୍ଷ ହେବ ପାଳିତ ହୋଇ ଆସୁଛି ସର୍ବ ଗ୍ରାମଦେବୀଙ୍କ ମହାମେଳନ ଏବଂ ବଡ଼ଯାତ୍ରା । ଚଳିତ ବର୍ଷ ଏପ୍ରିଲ ୩ରୁ ୭ ତାରିଖ ପର୍ଯ୍ୟନ୍ତ ରୀତିନୀତି ଅନୁସାରେ ବଡ଼ଯାତ୍ରା ପାଳନ ହେବ ବୋଲି ବାଲିମେଳା ଠାକୁରାଣୀ ଯାତ୍ରା କମିଟି ପକ୍ଷରୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଯାତ୍ରାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ବାଲିମେଳା ଏନ୍ଏସି ଅଧ୍ୟକ୍ଷ ତଥା ଠାକୁରାଣୀ ଯାତ୍ରା କମିଟିର ସଭାପତି ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ରବିବାର ସନ୍ଧ୍ୟାରେ ବାଲିମେଳା ସହରରେ ଥିବା କଲ୍ୟାଣମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିସହତ ଠାକୁରାଣୀ ଯାତ୍ରା ପରିଚାଳନା ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପୁନର୍ବାର ସଭାପତି ଭାବେ ଏନ୍ଏସି ଅଧ୍ୟକ୍ଷ ନାୟକ, ଉପ ସଭାପତି ଭାବେ ଗଜେନ୍ଦ୍ର ମାହାନ୍ତି, ମଙ୍ଗଳା ପାଙ୍ଗୀ, ଗୌର ଚନ୍ଦ୍ର ଖିଲ, ବି. ଅରୁଣ କୁମାର ପାତ୍ରଙ୍କୁ ଚୟନ କରାଯାଇଛି। ସେହିପରି ସମ୍ପାଦକ ଭାବେ ଅଜୟ କୁମାର ନାୟକ, ଶିବଦତ୍ତ ସାହୁ, କୃଷ୍ଣ ଚନ୍ଦ୍ର ବାଘ, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କୁ ଚୟନ କରାଯାଇଛି। କୋଷାଧ୍ୟକ୍ଷ ଭାବେ ଶେଷଦେବ ପ୍ରଧାନ, ଦେବେନ୍ଦ୍ର କୁମାର ଦାସ ଏବଂ ଶୀତଲ କୁମାର ଚର୍ଚ୍ଚିଙ୍କୁ ଚୟନ କରାଯାଇଛି। ବୈଠକରେ ବାଲିମେଳା ସହରରେ ଥିବା ବିଭିନ୍ନ ସଂସ୍ଥା, ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଏନ୍ଏସିର ସମସ୍ତ କାଉନସିଲର ଏବଂ ବାଲିମେଳା ସହରବାସୀ ଯୋଗଦେଇଥିଲେ। ସଭାକୁ ସାମାଜିକ କର୍ମୀ ରାଜେନ୍ଦ୍ର କୁଲଦୀପ ଏବଂ ଦିଲୀପ କୁମାର ବେପାରୀ ପରିଚାଳନା କରିଥିଲେ।

# ତରଗେଥ ଗ୍ରାମରେ ଦୀପଯଜ୍ଞ ସଭା

ଜୟପୁର, ୧୬।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ତରଗେଇ ରାମ ମନ୍ଦିର ସତ୍‌ସଙ୍ଗ ଗୃହ ନିକଟରେ ଦୀପଯଜ୍ଞ କରିବା ଉଦ୍ଦେଶ୍ୟରେ ଏକ ଆଲୋଚନା ସଭା ସୋମବାର ଆୟୋଜିତ ହୋଇଛି। ଗୁରୁଦେବ ବେଦ ମୂର୍ତ୍ତି ତପନିଷ୍ଠ ପଣ୍ଡିତ ରାମ ଶର୍ମା ଆଚାର୍ଯ୍ୟଙ୍କ ସଂକଳ୍ପ ମାନବ ମଧ୍ୟରେ ଦେବତ୍ୱ ଜାଗରଣ ଓ ଧରାରେ ସ୍ୱର୍ଗର



ଅବତରଣ ସଂକଳ୍ପ ସାକାର କରିବା ପାଇଁ ୨୫୧ଗ୍ରାମରୁ ୧୦୦୮ ଦେବ ଦମ୍ପତିଙ୍କୁ ନେଇ ୨୦ଏକର ଜମିରେ ଭୂମି ପୂଜନ କରି ଓ ୧୬ ସଂସ୍କାରର ଆୟୋଜନ ନିଶୁଳ୍କରେ କରିବା ଏହାର ମୂଳ ଲକ୍ଷ୍ୟ। ଜିଲା ଗାୟତ୍ରୀ ପରିବାର ମୁଖ୍ୟ ଟ୍ରଷ୍ଟି ନିରଞ୍ଜନ ପାଣିଗ୍ରାହୀ, ଭାରତୀୟ ଜ୍ଞାନ ସଂସ୍କୃତି ପରୀକ୍ଷା ପରିଚାଳକ ବାଜି ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତି, ଧର୍ମ ,ବର୍ଣ୍ଣ ଭାଷା,ପ୍ରାନ୍ତ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତ ସନାତନି ବନ୍ଧୁ, ଜନଜାତିଙ୍କୁ ସଙ୍ଗଠିତ ହୋଇ ରହିବାକୁ ସନ୍ଦେଶ ଦେଇଥିଲେ। ଶ୍ରୀରାମ ଯୁବସେନା ଓ ମା’ ଭଗବତୀ ମହିଳା ମଣ୍ଡଳ ଗଠନ କରାଯାଇଥିଲା। ଏଥିରେ ତରଗେଇ ଗ୍ରାମବାସୀ ସହଯୋଗ କରିଥିଲେ।

# କୁଆପଥର ମାଡ଼ରେ ଫସଲନଷ୍ଟ


ଚାଷ ଜମିରେ ଜମା ହୋଇଥିବା କୁଆପଥର।

ସୁନାବେଡା/ସେମିଳିଗୁଡ଼ା, ୧୬।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁମ୍ଭୀଗୁଡ଼ା, ଆଲିଗାଁ ଓ ପାଗୁଗୁଡ଼ା ଅଞ୍ଚଳରେ ସୋମବାର ବର୍ଷା ସହ କୁଆପଥର ମାଡ଼ ହୋଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଏହି ୩ ଅଞ୍ଚଳରେ ଚାଷ ହୋଇଥିବା ବିଭିନ୍ନ ପନିପରିବା ନଷ୍ଟ ହୋଇଛି। ପାକଝୋଲା ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ କହିବା ମୁତାବକ ଘଡଘଡି ସହ ବର୍ଷା ଓ କୁଆପଥର ମାଡ଼ ଯୋଗୁ ଏକର ଏକର ଜମିରେ ପ୍ରାୟ ଫୁଟେ ଉଚ୍ଚର କୁଆପଥର ଜମା ହୋଇଥିଲା। ଏହି ଗାଁଗୁଡ଼ିକର ଚାଷୀ ବର୍ତ୍ତମାନ ଚିନ୍ତାରେ ରହିଛନ୍ତି। ଚାଷୀମାନେ ଧାର କରି ଚାଷ କରିଥିବା ଥିବା ବେଳେ ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

# ଗ୍ୟାସ୍ ସଙ୍କଟ:କେୱାଇସି, ବୁକିଂ ପାଇଁ ଲମ୍ଫାଧାଡ଼ି

ଛତ୍ରପୁର, ୧୬।୩( ଦିଲୀପ ସାମଲ)

ଗ୍ୟାସ ବୁକିଂ ନମ୍ବର ଲାଗୁନାହିଁ, ରିଫିଲ୍ ପାଇଁ ପୂର୍ବରୁ ବୁକିଂ ହୋଇଥିଲେ ମଧ୍ୟ ଗ୍ୟାସ ସିଲିଣ୍ଡର ଆସିବାରେ ବିଳମ୍ବ ହେଉଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ସମଗ୍ର ଭାରତରେ ଏଭଳି ଏଲ୍‌ପିଜି ସଙ୍କଟ ଦେଖାଦେଇଛି। ଗଞ୍ଜାମ ଜିଲା ଛତ୍ରପୁରରେ ମଧ୍ୟ ରନ୍ଧନ ଗ୍ୟାସ ପାଇଁ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। ୨୫ ଦିନ ତଳୁ ବୁକିଂ କରିଥିବା ଉପଭୋକ୍ତା ଏ ଯାଏ ସିଲିଣ୍ଡର ପଇପାରିନାହାନ୍ତି। ଗ୍ୟାସ ପାଇବାର ୨୫ ଦିନ ପରେ ପୁଣି ଆଉ ଏକ ନୂଆ ଗ୍ୟାସ ବୁକିଂ କରିବାକୁ ପଡୁଛି। ଘରୋଇ ସିଲିଣ୍ଡର ଯୋଗାଣରେ ଯେଭଳି କୌଣସି ବାଧା ନ ଆସିବ ସେଥିପାଇଁ ସରକାର ତାଗିଦ କରିବା ସତ୍ତ୍ୱେ ବି ସ୍ଥିତିରେ ସୁଧାର ଆସି ନ ଥିବା ଦେଖାଯାଉଛି। ସୋମବାର ଛତ୍ରପୁରସ୍ଥିତ ଶକ୍ତି ଏଣ୍ଟର ପ୍ରାଇଜର୍ସ ତଥା ଏଚପି ଗ୍ୟାସ ସମ୍ମୁଖରେ କେୱାଇସି ସହିତ ବୁକିଂ କରିବା ପାଇଁ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି । ଇ କେୱାଇସି ନ କଲେ ଗ୍ୟାସ ବୁକିଂ ହେଉନାହିଁ। ବାତିଲ ହୋଇଯାଉଛି । ତେଣୁ ଇ କେୱାଇସି କରିବା ପାଇଁ ଏଚପି ଗ୍ୟାସ ଅଫିସ ଆଗରେ ଗ୍ରାହକମାନେ ଭିଡ଼ ଜମାଇଛନ୍ତି । ସୂଚନା ମୁତାବକ ଛତ୍ରପୁର ଏଜେନ୍ସି ନିକଟରେ ୫୮୪ ସିଲିଣ୍ଡର ଷ୍ଟକ ରହିଥିବା ବେଳେ ଏବେ ସୁଦ୍ଧା ୩୬୧୫ ଜଣ ରିଫିଲ ପାଇଁ ବୁକିଂ କରିଛନ୍ତି। ସେସବୁ ପେଣ୍ଡିଂ ହୋଇ ରହିଛି। ଅନ୍ୟପକ୍ଷରେ କମରସିଆଲ ଗ୍ୟାସ ଆସୁନଥିବାରୁ ସହରରେ ବହୁ ହୋଟେଲ ବନ୍ଦ ରହିଛି। କେତେକ ହୋଟେଲରେ କାଠ ଚୁଲିରେ ରୋଷେଇ ଆରମ୍ଭ ହୋଇଛି।

# ପୂର୍ବତନ ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି, ୧୬।୩ (ଗୌରି ଶଙ୍କର ପଣ୍ଡା)

ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବତନ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଅତିରିକ୍ତ ଜିଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉପାଧ୍ୟାୟ ମାଲକାନଗିରିରୁ ବଦଳି ହୋଇ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ମାଲକାନଗିରିରେ ମାତ୍ର ୮ ମାସର କାର୍ଯ୍ୟକାଳ ମଧ୍ୟରେ ସୋମେଶ କୁମାର ଉପାଧ୍ୟାୟ ନିଜର କାର୍ଯ୍ୟଦକ୍ଷତା ଓ ଜନହିତକର କାର୍ଯ୍ୟ ପାଇଁ ଜିଲାବାସୀଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ବିଶେଷକରି ବଣ୍ଡା ଜନଜାତିଙ୍କ ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରରେ ତାଙ୍କର ଦିଗଦର୍ଶନ ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲାରେ ପ୍ରଥମ ଥର ପାଇଁ ପଞ୍ଚାୟତସ୍ତରରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ କରିବାରେ ମଧ୍ୟ ଉପାଧ୍ୟାୟଙ୍କ ପ୍ରୟାସ ବେଶ ପ୍ରଶଂସନୀୟ ହୋଇପାରିଥିଲା। ତାଙ୍କର ସ୍ୱଚ୍ଛ ରହଣି ମଧ୍ୟରେ ଜିଲାକୁ ପ୍ରଗତି ପଥରେ ଆଗେଇ ନେବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଅନ୍ୟ ଅଧିକାରୀମାନେ ମତ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ତହସିଲଦାର, ବିଡିଓ ଏବଂ ଅନ୍ୟ କର୍ମଚାରୀମାନେ ଯୋଗଦେଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।



ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ।

# ଲୁପ୍ତହେଲାଣି ଶିଆଳିପତ୍ରରେ ପ୍ରସ୍ତୁତ ଖଲି, ଦନା

- ଜୀବିକା ହରାଉଛନ୍ତି ଆଦିବାସୀ
- ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ଯୋଗାଇଦେବାକୁ ଦାବି

କୋରୁକୋଣ୍ଡା, ୧୬।୩(ଶିବଦତ୍ତ ସାହୁ )


ମହିଳାମାନେ ଶିଆଳିପତ୍ରରେ ଖଲି ଓ ଦନା ପ୍ରସ୍ତୁତ କରୁଛନ୍ତି।

ଦିନ ଥିଲା ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ କୌଣସି ପୂଜା ପର୍ବ କିମ୍ବା ସାମାଜିକ କାର୍ଯ୍ୟକ୍ରମର ଆୟୋଜନ ହେଲେ ଭୋଜିଭାତ ପାଇଁ ଶିଆଳି ପତ୍ରରେ ତିଆରି ହୋଇଥିବା ଖଲି ଓ ଦନା ବ୍ୟବହାର ହେଉଥିଲା। ହେଲେ ଏବେ ସମୟ ସହିତ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି। ବର୍ତ୍ତମାନ ଲୋକେ ବଜାରରେ ମିଳୁଥିବା ପ୍ଲାଷ୍ଟିକ୍‌ରେ ତିଆରି ଖଲି, ଦନା, ଗ୍ଲାସ୍ ଓ ସୋଲ ତିଆର ଖଲି ଏବଂ ଦନାର ବହୁଳ ବ୍ୟବହାର କରୁଛନ୍ତି। ପୂର୍ବ କାଳରେ ଏହି ଅଞ୍ଚଳର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇ ଶିଆଳିପତ୍ର ସଂଗ୍ରହକରି ଆଣୁଥିଲେ। ବାଉଁଶକୁ କାଟି ଅତି ସୂକ୍ଷ୍ମ କାଠି କରି ତହିଁରେ ବିଭିନ୍ନ ପ୍ରକାର ଖଲି ଓ ଦନା ତିଆରି କରି ଆଖପାଖ ହାଟରେ ବିକ୍ରି କରି ଭଲ ଦୁଇପଇସା ରୋଜଗାର କରି ପରିବାର ପୋଷଣ କରୁଥିଲେ। ହେଲେ ବଜାରରେ ମିଳୁଥିବା ଆଧୁନିକ ପ୍ଲାଷ୍ଟିକ ଓ ସୋଲରେ ତିଆରି ଖଲି, ଦନାର ବହୁଳ ବ୍ୟବହାର ଏମାନଙ୍କର ଜୀବନ ଜୀବିକାରେ ପ୍ରତିବନ୍ଧକ ସାଜିଛି। ଫଳରେ ଅଞ୍ଚଳବାସୀ ପୂର୍ବ ଭଳି ଶିଆଳିପତ୍ର ସଂଗ୍ରହ କରିବାକୁ ଜଙ୍ଗଲକୁ ଆଉ ଯାଉନାହାନ୍ତି କିମ୍ବା ଖଲି ଓ ଦନା ତିଆରି କରୁନାହାନ୍ତି। କିନ୍ତୁ ଏବେ ବି ଅଞ୍ଚଳର କିଛି ଗାଁରେ ମହିଳାମାନେ ଖଲି ତିଆରି କୌଶଳ, ପରମ୍ପରାକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଥିବା ଦେଖିବାକୁ ମିଳିଛି। କୋରୁକୋଣ୍ଡା ବ୍ଲକ ଟିମଟାପାଲ୍ଲୀ ପଞ୍ଚାୟତ ଅଧୀନ ୫ ନମ୍ବର କଲୋନି ଗାଁର ମହିଳାମାନେ ଗ୍ରାମ ନିକଟ ଜଙ୍ଗଲରୁ ଶିଆଳିପତ୍ର ସଂଗ୍ରହ କରି ଆଣିବା ପରେ ଗାଁ ଦାଣ୍ଡରେ ଥିବା ଏକ ଗଛ ଛାଇରେ ସମସ୍ତେ ଏକାଠି ବସି ଖଲି ଓ ଦନା ତିଆରି କରୁଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ଶିଆଳି ରଶିର ବ୍ୟବହାର ମଧ୍ୟ ହୋଇଥାଏ। କିନ୍ତୁ ପ୍ରୋତ୍ସାହନ ଅଭାବରୁ ଶିଆଳିପତ୍ର ଓ ଦଉଡିରେ ତିଆରି ଖଟଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାମଗ୍ରୀର ବ୍ୟବହାର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଶିଆଳିପତ୍ର ଓ ଖଲି ଦନା ତିଆରି କରୁଥିବା ଲୋକଙ୍କୁ ସରକାରଙ୍କ ପକ୍ଷରୁ ଖଲି ସିଲେଇ ବାବଦରେ ତାଲିମ ପ୍ରଦାନ କରିବା ସହ ଋଣ ପ୍ରଦାନ କରାଗଲେ ସେମାନେ ଖଲି ଓ ଦନା ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏହି ଖଲି ବ୍ୟବସାୟୀଙ୍କୁ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆର୍‌ଟିଆଇ ଆବେଦନ ପରେ ହୋଇଛି ଏସ୍‌ଏମ୍‌ସି ବୈଠକ

### ବିଦ୍ୟାଳୟ ପାଠାଗାର ବହିକିଣା ଅନିୟମିତତା ପ୍ରସଙ୍ଗ

ନନ୍ଦପୁର,୧୬।୩ (ତୁଷାର କାନ୍ତ ମହାନ୍ତି)

ଏକ ନିର୍ଦ୍ଦିଷ୍ଟ ପ୍ରକାଶନ ସଂସ୍ଥାରୁ ସ୍କୁଲ ପରିଚାଳନା କମିଟିର ଅଜାଣତରେ ବିଦ୍ୟାଳୟ କମ୍ପୋଜିଟ ପାଣ୍ଠିରେ ପାଠାଗାର ବହି କିଣାରେ ଅନିୟମିତତା ପ୍ରସଙ୍ଗ ନେଇ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍‌ରେ ଏସ୍‌ଏମ୍‌ସି ବୈଠକ ହୋଇଥିବା ଜଣାପଡ଼ିଛି। ଅନିୟମିତତା ନେଇ ସୂଚନା ଅଧିକାର କର୍ମୀ ବିପିନି ବିହାରୀ ମହାପାତ୍ର ନନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଆରଟିଆଇ ତଥ୍ୟ ମାଗିଥିଲେ। ଏହା ପରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କେତେଜଣ ଅଧିକାରୀଙ୍କ ଚାପରେ ସିଆରସିସିମାନେ ବ୍ଲକରେ ବହି କିଣିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଛୁଆ ତାରିଖରେ ଜବରଦସ୍ତି ଏସ୍‌ଏମ୍‌ସି ବୈଠକ କରି ରିପୋର୍ଟ ପ୍ରଦାନ କରିବାକୁ ବାଧ କରୁଥିବା ସୂଚନା ମିଳିଛି। ଏହାକୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକ, ଏସ୍‌ଏମ୍‌ସି ପରିଚାଳନା କମିଟି ସଭାପତିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ତା.୧୩।୨୦୨୬ରେ ପାଠାଗାର ବହି କିଣାରେ ଦୁର୍ନୀତି ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏଥିରେ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କମ୍ପୋଜିଟ ଗ୍ରାଣ୍ଟ ପାଣ୍ଠି ବିନିଯୋଗ ବିଦ୍ୟାଳୟର ଆଭ୍ୟନ୍ତରୀଣ ବ୍ୟାପାର। ନିର୍ଦ୍ଦିଷ୍ଟ ସଂସ୍ଥାଠାରୁ ବହି କିଣା ବିକା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିବା ସୂଚନା ଦିଆଯାଇଥିଲା। ବିଦ୍ୟାଳୟ କମ୍ପୋଜିଟ ଗ୍ରାଣ୍ଟ ଅର୍ଥରେ ଲାଇବ୍ରେରୀ ବହି କିଣିବାକୁ ଡିପିସି ଦେଇଥିବା ପରାମର୍ଶ ପତ୍ର, ବହି କିଣା ବାବଦକୁ ନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ସିଆରସିସିମାନେ ଦେଇଥିବା ମେସେଜ ବାର୍ତ୍ତା, କମ୍ପୋଜିଟ ଗ୍ରାଣ୍ଟ ବିନିଯୋଗ ପାଇଁ ଥିବା ସରକାରୀ ନିୟମାବଳୀ, ବହି କିଣିଥିବା ବିଦ୍ୟାଳୟ ଓ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକଙ୍କ ନାମ, ବହି ଯୋଗାଇଥିବା ପ୍ରକାଶନ ସଂସ୍ଥାର ନାମ ଓ ତାଙ୍କୁ ବହି ବିକିବାକୁ ସରକାରଙ୍କ ଅନୁମତି ପତ୍ର, ଜିଲା ଶିକ୍ଷାଅଧିକାରୀଙ୍କ ବିନା ଅନୁମତିରେ ବହି କିଣାବିକା ହୋଇଛି ତାହେଲେ ସମ୍ପୃକ୍ତ ସିଆରସିସି ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଗୃହୀତ କାର୍ଯ୍ୟାନୁଷ୍ଠାନ ତଥ୍ୟ, ଯଦି କାର୍ଯ୍ୟାନୁଷ୍ଠାନ ହୋଇନି ତାହେଲେ ଅନ୍ତର୍ନିହିତ କାରଣ ସମ୍ପର୍କରେ ସୂଚନା ଦେବାକୁ ଆରଟିଆଇ ଆବେଦନ ପତ୍ରରେ ସୂଚନା ଅଧିକାର କର୍ମୀ ମହାପାତ୍ର ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଜୟପୁର ଅଞ୍ଚଳର ମାନବାଧିକାର କର୍ମୀ ଅନୁପ ପାତ୍ର ଘଟଣା ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, ଓପେପା ସଚିବ, ଭିଜିଲାନ୍ସ ବିଭାଗ ଓ କୋରାପୁଟ ଜିଲାପାଳଙ୍କୁ ପତ୍ର ଲେଖି ତଦନ୍ତ କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ତଦନ୍ତ ହେବା ପୂର୍ବରୁ ଆରଟିଆଇ ତଥ୍ୟ ମାଗିବା କର୍ତ୍ତୃପକ୍ଷଙ୍କୁ ହରଡ଼ଘଣାରେ ପକାଇଥିବା କୁହାଯାଉଛି।

ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ପଚାରିବାରୁ ଜିଲା କମିଟିର ନିର୍ଦ୍ଦେଶ ମୁତାବକ ବିଦ୍ୟାଳୟ କର୍ତ୍ତୃପକ୍ଷ ଏସ୍‌ଏମ୍‌ସି ବୈଠକରେ ପ୍ରସ୍ତାବ ପାରିତ କରି କମ୍ପୋଜିଟ ଗ୍ରାଣ୍ଟର ୧୦ ପ୍ରତିଶତ ଟଙ୍କା ବେୟରେ ଲାଇବ୍ରେରୀ ବହି କୌଣସି ଦୋକାନରୁ କିଣିବାକୁ ନିର୍ଦ୍ଦେଶ ଥିଲା। କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶନାମାର କେତେ ଅନୁପାଳନ କରିଛନ୍ତି, ଏହାର ତଥ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମଗାଯାଇଛି। ଏହା ମିଳିବା ପରେ ଆରଟିଆଇ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।


ଫର୍ମ-କ (Form 'A')
(ନିୟମ-୪ (୧) ଦ୍ରଷ୍ଟବ୍ୟ)
ସୂଚନା ଅଧିକାର ଅଧିନିୟମ-୨୦୦୫, ଧାରା-୬ (୧) ଅନୁଯାୟୀ, ସୂଚନା ପ୍ରାପ୍ତି ନିମନ୍ତେ ଆବେଦନ ପତ୍ର
ପ୍ରାପକ, ଲୋକ ସୂଚନା ଅଧିକାରୀ (କାର୍ଯ୍ୟାଳୟର ନାମ ଓ ଠିକଣା) : ଲୋକ ସୂଚନା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ନନ୍ଦପୁର, ଜିଲ୍ଲା-କୋରାପୁଟ (ଓଡ଼ିଶା)
୧. ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ନାମ : ବିପିନ ବିହାରୀ ମହାପାତ୍ର

ସୂଚନା ଅଧିକାର କର୍ମୀ ବିପିନି ବିହାରୀ ମହାପାତ୍ର ମାଗିଥିବା ଆରଟିଆଇ ତଥ୍ୟ।

## ସଂକ୍ଷେପରେ

### ରାତିକରେ ଏକାଧିକ ଚୋରି ଅଭିଯୋଗ



ନନ୍ଦପୁର,୧୬।୩ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ପୋଲିସ ଥାନାରେ ଗୁଣ୍ଡାପୁଟ, ପିତାଗୁଡା ଓ ସୁବାଇ ଗ୍ରାମରୁ ଏକାଧିକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁଣ୍ଡାପୁଟ ଗ୍ରାମର ଗିସେନ ହନ୍ତାଳଙ୍କ ଘର ଆଗରୁ ବୋଲେରୋ ଓ ପିତାଗୁଡା ଗ୍ରାମର ବଳରାମ ସାଙ୍ଗାର୍ବି ବାଇକ୍(ଓଡି୧୦-ଏଫ-୧୩୨୨) ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ସୁବାଇ ହାଟର ଥିବା ଚିକେନ ଦୋକାନରେ ଦୁର୍ବୃତ୍ତମାନେ କଣା କରିଥିବା, ସୁବାଇ ଗ୍ରାମରେ ୨ଜଣଙ୍କ ଘରୁ ରସ ସାମଗ୍ରୀ ଓ ୨ ମୋବାଇଲ ଚୋରି ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଗୋଟିଏ ରାତିରେ ଏକାଧିକ ଚୋରି ହୋଇଛି। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଠାବ କରିବା, ପାଟ୍ରୋଲିଂ ବଢ଼ାଇ ଏଭଳି ଘଟଣାରୁ ଲୋକଙ୍କୁ ସୁରକ୍ଷିତ ରଖିବାକୁ ଅନୁରୋଧ କରାଯାଇଛି। ନନ୍ଦପୁର ପୋଲିସ ଏକାଧିକ ସ୍ଥାନରେ ସିସିଟିଭି ଯାଞ୍ଚ କରି ତଦନ୍ତ କରୁଥିବା ଥାନାଧିକାରୀ ତ୍ରିନାଥ ତୋଟାପାଡିଆ ସୂଚନା ଦେଇଛନ୍ତି।

### ସ୍କୁଲରେ ରାଜର୍ଷି ବିକ୍ରମଦେବଙ୍କ ପରିଚୟ ପାଇଁ ଦାବି

ଜୟପୁର, ୧୬।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସାହିତ୍ୟ ପରିଷଦ ଆନୁକୁଲ୍ୟରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ରାଜର୍ଷି ବିକ୍ରମଦେବ ବର୍ମାଙ୍କ ପରିଚୟ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିବେଦନ କରାଯାଇଛି। ସାହିତ୍ୟ ପରିଷଦ ସଭାପତି ଶିକ୍ଷାବିତ ହରିହର କରସୁଧା ପଟ୍ଟନାୟକ ଓ ନବୀନ ମାଦଳା ଜିଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ସେକ୍ସନ ଅଫିସର ପ୍ରଶାନ୍ତ ଭଞ୍ଜ ନିବେଦନ ପତ୍ର ଗ୍ରହଣ କରିଛନ୍ତି।

### ଏନ୍‌ଏସ୍‌ଏସର ରକ୍ତଦାନ ଶିବିର

ଜୟପୁର, ୧୬।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଓ ଶିକ୍ଷକ ଶିକ୍ଷା ବିଭାଗ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ମୁଖ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଡ.ମନୋରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିଲେ। କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ରକ୍ତଦାତାଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତ ସଂଗ୍ରହକାରୀ ଟିମ୍‌ଙ୍କ ତତ୍ତ୍ୱାବଧାନରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ସୁକାନ୍ତି ସ ଓ ଲୋକେଶ ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷକ ଶିକ୍ଷା ବିଭାଗ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ, ସହକାରୀ ପ୍ରଫେସର ଡ. ନରେନ୍ଦ୍ର କୁମାର ମହାରଣା, କସ୍ତୁରୀ ଆଚାର୍ଯ୍ୟ, ଅନୀତା ପଟ୍ଟନାୟକ, ଅନୁପମା ମିଶ୍ର, ପରିଚିତା ମହାପାତ୍ର ସହଯୋଗ କରିଥିଲେ। ରକ୍ତଦାନ ଅଭିପ୍ରେରକ ଡ. ନରେଶ ଚନ୍ଦ୍ର ସାହୁ ସ୍ୱେଚ୍ଛାସେବୀଙ୍କୁ ଆଭାସୀ ମାଧ୍ୟମରେ ପ୍ରେରିତ କରିଥିଲେ।

# ଅନ୍ତର୍ଜାତୀୟ ଗଣିତ ଦିବସ



କାର୍ଯ୍ୟକ୍ରମରେ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

କୋରାପୁଟ, ୧୬।୩(ଅମିତାଭ ବେହେରା)

କୋରାପୁଟସ୍ଥିତ ସରକାରୀ ଡିଏଭି ମହାବିଦ୍ୟାଳୟର ସ୍ନାତକୋତ୍ତର ଗଣିତ ବିଭାଗ ପକ୍ଷରୁ ୟୁନେସ୍କୋ ଦ୍ୱାରା ଘୋଷିତ ଅନ୍ତର୍ଜାତୀୟ ଗଣିତ ଦିବସ ସୋମବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ.ରଞ୍ଜନ କୁମାର ପ୍ରଧାନ ଯୋଗଦେଇଥିଲେ। ଦିବସର ମହତ୍ତ୍ୱ ଓ ଗଣିତର ପ୍ରୟୋଜନିୟତା ନେଇ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ସଭାପତି ଡ. ପ୍ରଶାନ୍ତ କୁମାର ପାତ୍ର ଗଣିତ କ୍ଷେତ୍ରରେ ନୂତନ ଗବେଷଣା ଓ ଉଦ୍ଭାବନ ପାଇଁ ଛାତ୍ରୀଛାତ୍ରଙ୍କ ଭୂମିକା ଉଲ୍ଲେଖ କରିଥିଲେ। ଗଣିତ ବିଭାଗ ମୁଖ୍ୟ ଡ. ଚନ୍ଦନ ମିଶ୍ର ସଭା ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ. ନିକୁଞ୍ଜ ବିହାରୀ ବାରିକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ସତ୍ୟନାରାୟଣ ସାହୁ, ଶୁଭମ କୁମାର ସାହୁ ଓ ରଶ୍ମିରେଖା ସାହୁ ସହଯୋଗ କରିଥିଲେ। ଏହି ଅବସରରେ ଗଣିତଭିତ୍ତିକ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ଡ.ସୁଶୀଳ କୁମାର ଗଡ଼ନାୟକ, ଡ.ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଅଧ୍ୟାପିକା ଅଧ୍ୟାପକ ଓ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣି ସମାଧାନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

### ଯୁଗ୍ମ ଅଭିଯୋଗ ଶୁଣାଣି

କୋରାପୁଟ/ନାରାୟଣପାଟଣା, ୧୬।୩ (ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୋଟ ୩୮ ଅଭିଯୋଗ ଶୁଣି ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ୧୫ ବ୍ୟକ୍ତିଗତ ଓ ସାମୁହିକ ୨୩ ଅଭିଯୋଗ ରହିଥିଲା। ଜିଲାପାଳ ନିର୍ମାଣାଧିନ ଜଗନ୍ନାଥ ମନ୍ଦିର କାର୍ଯ୍ୟ ତଦାରଖ କରିଥିଲେ। କୁମ୍ଭାରୀ ପଞ୍ଚାୟତ ଗସ୍ତ କରି ଦୁରୁଗୁଣ୍ଡା ଘାଟି ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି, ନୂତନ ସ୍କୁଲ କୋଠା ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ଲଙ୍ଗଲବେଡା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବଦଳି ନେଇ ବିଦ୍ୟାଳୟ କମିଟି ଓ ଅଭିଭାବକମାନେ ଜିଲାପାଳଙ୍କ ନିକଟରେ ନିବେଦନ କରିଥିଲେ। ଶୁଣାଣି ପରେ ୨ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ଶିବିରରେ ଜିଲା ଏସ୍‌ପି ରୋହିତ ବର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବେଣୁଧର ଶବର, ଉପଜିଲାପାଳ ପ୍ରେମଲାଲ ହିଆଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରବିନାରାୟଣ ମିଶ୍ର,ବିଡିଓ ବିକ୍ରମ କୁମାର ଦୋରା,ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରୁଛନ୍ତି।

# ପୌର ପ୍ରଶାସନର ଜବରଦଖଲ ଉଚ୍ଛେଦ

ଜୟପୁର, ୧୬।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ପୌରାଞ୍ଚଳର ଲିଙ୍ଗରାଜ ନଗର ଝୁପୁଡ଼ି ଲାଇନ ଓ ଖ୍ରୀଷ୍ଟିଆନ ପେଟା ୪ର୍ଥ ଲାଇନରେ ପ୍ରଶାସନ ପକ୍ଷରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୌରପାଳିକା ଜାଗା ଜବରଦଖଲ କରି ୩ ଘର ନିର୍ମାଣ ହୋଇଥିଲା। ଖ୍ରୀଷ୍ଟିଆନପେଟା ୪ର୍ଥ ଗଳିରେ ପୌରପାଳିକା ଜାଗାରେ ନବନିର୍ମିତ ଘର ନେଇ ସାହିବାସିନ୍ଦାଙ୍କ ଅଭିଯୋଗ କରିଥିଲେ। ବାର ବରମ୍ବାର ନୋଟିସ ଓ ତାଗିଦା ସତ୍ତ୍ୱେ ସେମାନେ ହଟି ନ ଥିଲେ। ଏହା ପରେ ପୌରପାଳିକା ପକ୍ଷରୁ ଜେସିବି ଦ୍ୱାରା



ଉଚ୍ଛେଦ କରାଯାଇଛି। ଏହି ସମୟରେ ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀ, ଅମିନ ଅଭିନାସ ସାନ୍ତ୍ରାପାତ୍ର, ଶୁଭସ୍ମିତା ଜେନା, ସେନିଟାରି ନିରୀକ୍ଷକ ସତ୍ୟନାରାୟଣ ପାତ୍ର, ଜାମାଦାର ପି.ଜଗଦୀଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ସାମାଜିକ ସଦ୍‌ଭାବନା ବୈଠକ


ବୈଠକରେ ଉପସ୍ଥିତ ବିଭିନ୍ନ ସମ୍ପ୍ରଦାୟର ସଦସ୍ୟମାନେ।

ନନ୍ଦପୁର,୧୬।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ସୀମାଦ୍ରୀ ମଣ୍ଡପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆନୁକୁଲ୍ୟରେ ବ୍ଲକ ଅଞ୍ଚଳର ବିଭିନ୍ନ ସମ୍ପ୍ରଦାୟ ସଦସ୍ୟଙ୍କୁ ନେଇ ସାମାଜିକ ସଦ୍‌ଭାବନା ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ନନ୍ଦପୁର ବ୍ଲକ୍ ସଙ୍କୀର୍ତ୍ତନ ମଣ୍ଡଳୀ ସଭାପତି କୃଷ୍ଣଚନ୍ଦ୍ର ବଡ଼ନାୟକଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲା ପ୍ରଚାରକ ଚିଦାନନ୍ଦ ଶତପଥୀ ଯୋଗଦେଇଥିଲେ। କରଣ, ବ୍ରାହ୍ମଣ, ପାଇକ, ମାଳି, ଶୁଣ୍ଢି, ପରଜା ସମ୍ପ୍ରଦାୟର ମୁଖିଆ ଓ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସମସ୍ତେ ନିଜ ସମ୍ପ୍ରଦାୟର ଆଭିମୁଖ୍ୟ ପ୍ରକାଶ କରିଥିଲେ। ନନ୍ଦପୁର ଖଣ୍ଡ କାର୍ଯ୍ୟବାହକ ଏନ୍.ପ୍ରସାଦ ଦାସ ଓ ବ୍ଲକ୍ ସଙ୍କୀର୍ତ୍ତନ ମଣ୍ଡଳୀ ସମ୍ପାଦକ କୁନା ଚାଲାଣ ବୈଠକ ପରିଚାଳନା କରିଥିଲେ।

# ଶିବିରରେ ୧୩ ଅଭିଯୋଗ ପଞ୍ଜୀକୃତ

ସୁନାବେଡା/ସେମିଳିଗୁଡ଼ା,୧୬।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ହାଟଗୁଡ଼ା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ(ଡବ୍ଲୁଇଓ) ହରପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ମୋଟ ୧୩ ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ବିଏସ୍‌ଏସ୍‌ଓ ଟି. ଶୁରଭି,ଆରଡବ୍ଲୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଗଙ୍ଗାଧର ସେଠୀ,ଉଦ୍ୟାନ ବିଭାଗ ସମରା ହନ୍ତାଳ, ଫରେଷ୍ଟ ବିଭାଗ ମନୋରଞ୍ଜନ ବିଶୋଇ, ଆଇସିଡିଏସ୍ ସୁପରଭାଇଜର ସାରଦା ଦାସ, ଏଲ୍‌ଆଇ ସୁଶୀଳା ଖରା, କୃଷି ବିଭାଗ ବେଦପ୍ରକାଶ ମିଶ୍ର, ପିଇଓ ମିନୁଲତା ଦାସ, ସରପଞ୍ଚ ନାରାୟଣ ନନ୍ଦିବାଲି, ନାଏବ ସରପଞ୍ଚ ଲକ୍ଷ୍ମୀ ଖିନବୁଡି, ସମିତି ପଦ୍ମାଳୟା ଝୋଲା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ହାଟଗୁଡ଼ା ଓ ଦୋରା ଗୁଡ଼ାଗାଁର ଇଷ୍ଟ ନିଶାଣି ମୁଣ୍ଡାକୁ ବାଉଣ୍ଡ୍ରି ୱାଲ, ମାଳି ଦୁସୁରା ଗାଁରେ ଡ୍ରେନ ନିର୍ମାଣ ହାଟଗୁଡ଼ା ଦେଉଳାରେ ପିଲାଙ୍କ ପାଇଁ କ୍ଲାସ ରୁମ୍, ଗାଡି ଖମାରରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଗ୍ରାମବାସୀ ନିବେଦନ କରିଥିଲେ। ରାମ ନାୟକପୁଟରେ ସୋଲାର ପ୍ରକଳ୍ପ ନିର୍ମାଣ ଅଲସିଦୁସୁରା ଗାଁ ରାସ୍ତାରେ ଫେଭର ବ୍ଲକ, ଗାନ୍ଧୀଗୁଡ଼ା ଗାଁ ଆରଡି ରାସ୍ତା ନିର୍ମାଣ କରିବାକୁ ଅଭିଯୋଗ ହୋଇଛି। ଏଥିସହ ଅଳସି ଦୁସୁରା ଅଙ୍ଗନୱାଡି କେନ୍ଦ୍ରରେ ଏକ ନଳକୂପ ନିର୍ମାଣ କରିବାକୁ ଦାବି ହୋଇଛି। ପୂଜାରୀପୁଟ ଅଙ୍ଗନୱାଡି କେନ୍ଦ୍ରରେ ଫେଭର ବ୍ଲକ ଓ ସାନ ଟେମା ଗାଁରେ ଏକ ଭାଗବତ ତୁଙ୍ଗି ନିର୍ମାଣ ନେଇ ଅଭିଯୋଗ ହୋଇଛି। ସମସ୍ତ ବିଭାଗୀୟ ଅଧିକାରୀ ସରକାରୀ ଯୋଜନା ନେଇ ଲୋକଙ୍କୁ ସଚେତନ କରି ଏହାର ଲାଭ ପାଇବା ନେଇ ବୁଝାଇଥିଲେ।



ଶିବିରରେ ଗ୍ରାମବାସୀ ଅଧିକାରୀମାନଙ୍କୁ ସମସ୍ୟା ଜଣାଉଛନ୍ତି ।

# କାଳିଆ ଗାଁରେ ଅଭିଯୋଗ, ଜନଶୁଣାଣି ଶିବିର

ଜୟପୁର, ୧୬।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ କାଳିଆ ଗାଁରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ବିଏଫ୍‌ଓ ତତ୍ତ୍ୱମାସୀ ଖୁଣ୍ଟିଆ, ଜିପିଓ ସୁବିସ ଖିଲଙ୍କ ସହ ଅନ୍ୟ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଗ୍ରାମବାସୀ ବିଭାଗୀୟ ଅଧିକାରୀମାନଙ୍କୁ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଜଣାଇବା ସହ ରାସ୍ତା ନିର୍ମାଣ ନେଇ ଦାବି କରିଥିଲେ। ଏହାସହ ଉପସ୍ଥିତ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ।

# ରାସ୍ତା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ସମାଧାନ ଦାବି


ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ନନ୍ଦପୁର,୧୬।୩(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସଦର ମହକୁମା ପଞ୍ଚାୟତରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସରପଞ୍ଚ ସାଜେନ୍ତୀ କିର୍ସାନୀ, ସମିତିସଭ୍ୟ ବିନୋଦିନୀ ସମାର୍ଡୀ, ସମସ୍ତ ୱାର୍ଡସଭ୍ୟ, ନାଏବ ସରପଞ୍ଚ ମନ ଚାଲାଣ, ସିଡିପିଓ ମିନତି ବାଳା ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଗୋପାଳ ମିଞ୍ଜ, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀ ଓ ଡାକ୍ତର ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଚିତଲପୁଟ ଗ୍ରାମ ମରଣଯନ୍ତା ରାସ୍ତା ତୁରନ୍ତ ନିର୍ମାଣ କରିବାକୁ ଅଭିଯୋଗ କରିଥିଲେ। ବାହିରିପଡ଼ା ସ୍କୁଲ ରାସ୍ତା, ପୁରୁଣା ବ୍ଲକ କାର୍ଯ୍ୟାଳୟରୁ ମାଉସୀମା ମନ୍ଦିର ଦାଣ୍ଡ ପ୍ରଶସ୍ତିକରଣ, ଲଙ୍ଗଳା ଭୈରବ ମନ୍ଦିରକୁ ରାସ୍ତା ନିର୍ମାଣ, ସରସ୍ୱତୀ ଓ ବ୍ଲକ ସଦର ମହକୁମାର ରାସ୍ତାଘାଟ ଓ ୭ ସାହିରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବାକୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗ ପଞ୍ଜୀକୃତ କରାଯାଇଛି। ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାଗୁଡ଼ିକ ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି। ପିଇଓ ଦିବାକର ପୁରୋହିତ ଶିବିର ପରିଚାଳନା କରିଥିଲେ।

# ଛାତ୍ରୀ ବାଣ୍ଟିଲେ ଜଳ ଅପଚୟ ରୋକିବା ବାର୍ତ୍ତା

ଜୟପୁର, ୧୬।୩(ପବନ ପାଣିଗ୍ରାହୀ)

### କଲେଜରେ ସଚେତନତାଧର୍ମୀ ଶୋଭାଯାତ୍ରା

କୋରାପୁଟ ଜିଲା ଜୟପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଜଳର ସଞ୍ଚୟ ଓ ସଦ୍‌ବିନିଯୋଗ ନିମନ୍ତେ 'ଜଳ ହିଁ ଜୀବନ' ସଚେତନଧର୍ମୀ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଛି। ଯୁକ୍ତ ୩ ଏନ୍‌ଏସ୍‌ଏସ୍ ପକ୍ଷରୁ ଏହି ଶୋଭାଯାତ୍ରାଟି ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଏନ୍‌ଏସ୍‌ଏସ୍ ଅଧିକାରୀ ସୀମା ମହାପାତ୍ର, ଯୁକ୍ତ ୩ ଜାତୀୟ ସେବା ଯୋଜନା ଅଧିକାରୀ ସୁନୀତା ପ୍ରଧାନ, ବିଦ୍ୟାଧର ମାଳି, ବର୍ଷା ରାଣୀ ନାୟକ, ସ୍ୱନ୍ଦନ ରାଓ, ଦୀପକ ଦାସ ପ୍ରମୁଖଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ଯୋଗଦେଇଥିଲେ। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଯୋଗଦେଇ ସ୍ଲୋଗାନ, ପୋଷ୍ଟର, ପ୍ରଚାର ପତ୍ର ମାଧ୍ୟମରେ ଲୋକମାନଙ୍କୁ ଜଳର ଅପଚୟ ନକରିବା ନିମନ୍ତେ ବାର୍ତ୍ତା ଦେଇଥିଲେ। ଏଥିସହ ବର୍ଷା ଜଳ ସଂରକ୍ଷଣ, ଜଳର ସଞ୍ଚୟ ଆବଶ୍ୟକତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲା।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀମାନେ।

# ଦୀର୍ଘ ସମୟ ଅପେକ୍ଷା ପରେ ଗର୍ଭବତୀଙ୍କୁ ନିଆଗଲା ସ୍ୱାସ୍ଥ୍ୟକେନ୍ଦ୍ର

ନନ୍ଦପୁର/ପାଡୁଆ, ୧୬।୩ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

### ରାସ୍ତାରେ ଅଚଳ ହେଲା ଆମ୍ବୁଲାନ୍ସ

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଙ୍ଗୁଲୁଙ୍ଗ ପଞ୍ଚାୟତ ଆନ୍ଧ୍ର ସୀମାନ୍ତ ସାରିଆପାଲି ଗାଁର ଆସନ୍ନ ପ୍ରସବା ଲିମ୍ବେ ମାରି(୪୦)ଙ୍କୁ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପୂର୍ବରୁ ରାସ୍ତାରେ ଅଚଳ ହୋଇ ଅଟକି ରହିଥିବା ଦେଖିବାକୁ ମିଳିଛି। ମହିଳା ଜଣଙ୍କ ପ୍ରସବ ଯନ୍ତ୍ରଣାରେ ଥିବା ଅପେକ୍ଷା କରିଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ସୋମବାର ଲିମ୍ବେଙ୍କୁ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସ ଡକାଯାଇଥିଲା। କିନ୍ତୁ ଗାଡ଼ି ସାରିଆପାଲି ଗ୍ରାମକୁ ପହଞ୍ଚିବା ପୂର୍ବରୁ ୧ କି.ମି. ଦୂରରେ ଅଚଳ ହୋଇ ରାସ୍ତାରେ ଅଟକି ରହିଥିଲା। ଆସନ୍ନ ପ୍ରସବା ଘରେ କଷ୍ଟ ପାଉଥିବା ଦେଖିବାକୁ ମିଳିଛି। ଅଚଳ ଆମ୍ବୁଲାନ୍ସ ବଦଳରେ ଅନ୍ୟ ଆମ୍ବୁଲାନ୍ସ ପଠାଇବାକୁ ୧୦୮ ନମ୍ବରରେ ଫୋନ କରିବାରୁ ଭୁବନେଶ୍ୱରରୁ ପରିଚାଳକ ଓ ଡ୍ରାଇଭର ଆଉ ଗାଡ଼ି ନ ଥିବା। ଅନ୍ୟ ଅଞ୍ଚଳରୁ ଗାଡ଼ି ପାଇଁ ପଚାରିବାରୁ କୌଣସି ୧୦୮ ଗାଡ଼ି ୫୦ କି.ମି.ରୁ ଅଧିକ ଦୂର ନ ଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଥିବା କହିଥିଲେ। ଏହା ପରେ ଲିମ୍ବେଙ୍କ ସ୍ୱାମୀ ସୁକୁ ମାରି ଓ ଆଶା କର୍ମୀ ଗୌରମନି ପାଙ୍ଗୀ ଚିନ୍ତା ପ୍ରକଟ କରିବା ସହ ଏ ନେଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଅମିତ୍‌କୁମାର ସାହୁ, ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମଓ) ଓ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଜଣାଇଥିଲେ। ବିକଳ୍ପ ବ୍ୟବସ୍ଥା ନ ହେବାରୁ ଗ୍ରାମବାସୀ ପାଡୁଆ ଅଞ୍ଚଳରୁ ଏକ କମାଣ୍ଡର ଜିପକୁ ଡକାଇ ସେଥିରେ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବା ବ୍ୟବସ୍ଥା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ସାହୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ଏକ ଆମ୍ବୁଲାନ୍ସକୁ ୫୦ କି.ମି. ଦୂର ସାରିଆପାଲି ଗ୍ରାମକୁ ପଠାଇଥିଲେ। କୁଲାରସିଂ ନିକଟରେ ଜିପରୁ ଗର୍ଭବତୀଙ୍କୁ ଆମ୍ବୁଲାନ୍ସକୁ ସ୍ଥାନାନ୍ତର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଲିମ୍ବେ ଏକ ସୁସ୍ଥ କନ୍ୟା ଶିଶୁଙ୍କୁ ଜନ୍ମ ଦେଇଥିଲେ। ପ୍ରସବ ପରେ ଉଭୟ ମା' ଝିଅ ସୁସ୍ଥ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ସାହୁ ସୂଚନା ଦେଇଛନ୍ତି। ରାସ୍ତାରେ ୧୦୮ ଆମ୍ବୁଲାନ୍ସ ଖରାପ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା, ରାଜ୍ୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏଭଳି ଘଟଣାରୁ ବର୍ତ୍ତିବାକୁ ଦୁର୍ଗମ ଅଞ୍ଚଳରେ ଖରାପ ଆମ୍ବୁଲାନ୍ସ ବଦଳରେ ନୂତନ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।



ରାସ୍ତାରେ ଅଚଳ ୧୦୮ ଆମ୍ବୁଲାନ୍ସ।

